# Akashvani, Sambalpur

## SAMBALPURI NEWS EVENING BULLETIN

## 17 June 2026-7.02- 7.12 pm.

---

୧- ନୂଆଦିଲ୍ଲୀ ନ ଆଏବା ଶୁକ୍ରବାର୍ ଦିନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ପି.ଏମ୍.ଭି.ବି.ଆର୍.ୱାଇ ଯୋଜ୍ନା ଅଧୀନ୍ଥି ପାଖାପାଖି ୨ ହଜାର୍ ୪ ଶହ କୋଟି ଟଙ୍କାର୍ ପ୍ରୋତ୍ସାହନ୍ ପ୍ରଦାନ୍ କର୍ବେ ପ୍ରଧାନ୍ମନ୍ତ୍ରୀ ।

୨- ବିଦ୍ୟାଳୟ ପଢ଼ାବହିଥି ଥିବା ଭୁଲ୍କେ ତୁରତି ସୁଧିରାବାର୍କେ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ଖରାଛୁଟି ଉତ୍ରୁ ଆଏବାକାଏଲ୍ନୁ ଖୁଲ୍ବା ରାଜ୍ୟର୍ ସବୁ ବିଦ୍ୟାଳୟ - ସୂଚ୍ନା ଦେଲେ ଗଣଶିକ୍ଷା ମନ୍ତ୍ରୀ ।

ଆଉର୍

୪- ଶୀତଲ୍ଷଷ୍ଠୀ ଯାତ୍ରା ଲାଗି ଗଜଗଜଉଛେ ସମ୍ବଲ୍ପୁର୍ ।

- ଆଏଜ୍ ଝାଡୁଆପଡ଼ା, ମୁଦିପଡ଼ା ସହେତେ ଭିନ୍ ଭିନ୍ ଶିବ ମନ୍ଦିର୍ ନ ହେଉଛେ ଗୁଆଗୁଁଡ଼ା ଯାତ୍ରା ।

ପଢ଼ା ବହି ଭୁଲ୍- ଜରୁରୀ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ପଢ଼ା ବହିଥି ଥିବା ଭୁଲ୍ ବାବ୍‌ଦେ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବିଦ୍ୟାଳୟମାନ୍‌କର୍ ପଢ଼ାବହିଥି ଦେଖାଦେଇଥିବା ଭୁଲ୍‌କେ ନେଇକରି ମୁଖ୍ୟମନ୍ତ୍ରୀ କଡ଼ା ଅଭିମୁଖ୍ୟ ଗ୍ରହଣ୍ କରିଛନ୍ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଭୁଲ୍ ସବୁକେ ତୁର୍‌ତି ସୁଧ୍‌ରାବାର୍ ସହେତେ ଦୋଷୀଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ଉନ୍ନୟନ୍ କମିଶନର୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ୩ ଝନିଆ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇଛେ । ୭ ଦିନ୍ ଭିତ୍‌ରେ କମିଟିକେ ରିପୋର୍ଟ ଦାଖଲ୍ କର୍‌ବାରକେ ନିର୍ଦ୍ଦେଶ୍ ଦିଆଯାଇଛେ । କମିଟିର୍ ରିପୋର୍ଟ ଆଧାର୍‌ଥି ଦୋଷୀ ଅଧିକାରୀ ଆଉ ସଂସ୍ଥା ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବିଶ୍ୱସ୍ତରୀୟ ପର୍ଯ୍ୟଟନ୍‌ସ୍ଥଲୀ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଗୁଟେ ରାଜ୍ୟ - ଗୁଟେ ବିଶ୍ୱସ୍ତରୀୟ ପର୍ଯ୍ୟଟନ୍‌ସ୍ଥଲୀ ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶା ନ ବିଶ୍ୱସ୍ତରୀୟ ପର୍ଯ୍ୟଟନ୍‌ସ୍ଥଲୀ ବିକାଶ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟସ୍ତରୀୟ କର୍ମଶାଳା ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତ ପରିଡ଼ା କର୍ମଶାଳାଥି ଅଧ୍ୟକ୍ଷତା କରିକରି କହିଛନ୍, ପର୍ଯ୍ୟଟନ୍ ଓଡ଼ିଶାର୍ ଅର୍ଥନୈତିକ୍ ଅଭିବୃଦ୍ଧି, ରୋଜ୍‌ଗାର୍ ସୃଷ୍ଟି ଆଉ ଆଂଚଲିକ୍ ସମୃଦ୍ଧିର୍ ଗୁଟେ ପ୍ରମୁଖ୍ ମାଧ୍ୟମ୍ ହେବା । ରାଜ୍ୟର୍ ପର୍ଯ୍ୟଟନ୍‌ସ୍ଥଲୀମାନ୍‌କୁ ବିଶ୍ୱସ୍ତରୀୟ ଭିତିଭୂମି ଉତ୍କୃଷ୍ଟ ହେବା ଆଉ ଅନନ୍ୟ ଅନୁଭୂତି ସହେତେ ଅନ୍ତର୍ଜାତୀୟ ସ୍ତର୍‌ଥି ପ୍ରତିଯୋଗିତାମୂଲକ୍ କର୍‌ବାର୍‌କେ ସବୁ ବିଭାଗ୍ ମିଶନ୍ ମୋଡ୍‌ଥି କାମ୍ କର୍‌ବାର୍‌କେ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ୍ ଦେଇଛନ୍ । କର୍ମଶାଳାଥି ୨ ଟା ପ୍ରସ୍ତାବିତ୍ ଜାଗା ହୀରାକୁଦ୍ ଆଉ ପୁରୀ-କୋଣାର୍କ ବାବ୍‌ଦେ ଉପସ୍ଥାପନ୍ କରାଯାଇଥିଲା । ହୀରାକୁଦ୍‌କେ ଇକୋ ଟୁରିଜମ୍, ଜଳ ଆଉ ସାହସିକ୍ ପର୍ଯ୍ୟଟନ୍ ସ୍ଥଲୀ ଭାବେ ବିକଶିତ୍ କର୍‌ବାର୍ ଲାଗି ଯୋଜ୍‌ନା ରହିଛେ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ନିଟ୍ ପରୀକ୍ଷାର୍ଥୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଟ୍ ପରୀକ୍ଷାର୍ଥୀଙ୍କର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମାହାଲିଆ ବସ୍‌ସେବାର ବ୍ୟବସ୍ଥା କରାଯାଇଛେ । ଓଏସ୍‌ଆର୍‌ଟିସି, ମୁଖ୍ୟମନ୍ତ୍ରୀ ବସ୍ ସେବା ଆଉ ଆମ ବସ୍ ଜରିଏ ମୁଖିଆ ରେଲ୍‌ଷ୍ଟେସନ୍ ଆଉ ବସ୍‌ଷ୍ଟାଣ୍ଡ୍‌ନୁ ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ର ତକ୍ ଇ ସେବା ପାଇପାର୍‌ବେ । ପରୀକ୍ଷା ଶେଷ୍ ହେବାର୍ ଉତ୍‌ରୁ ଫିର୍‌ବାର୍ ଲାଗି ସବୁ ପରୀକ୍ଷାର୍ଥୀମାନ୍‌କୁ ମାହାଲିଆ ବସ୍ ସେବା ଯୁଗେଇ ଦିଆଯିବା । ରାଜ୍ୟର୍ ଶହେ ୩୨ ଟା କେନ୍ଦ୍ର ନ ପରୀକ୍ଷା ଦଉଥିବା ସବୁ ପରୀକ୍ଷାର୍ଥୀ ସର୍‌କାର୍‌ଙ୍କର୍ ତର୍‌ଫୁ ପରିଚାଲିତ୍ ବସ୍ ଆଉ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ବସ୍‌ଥି ଆଡ୍‌ମିଟ୍‌କାର୍ଡ଼ ଦେଖେଇକରି ଇ ସୁବିଧା ପାଇପାର୍‌ବେ । ଇ ସେବା ବାବ୍‌ଦେ ପରୀକ୍ଷାର୍ଥୀମାନ୍‌କର୍ ନ ସୂଚ୍‌ନା ପୁହୁଁଚାବାର୍ ଲାଗି ସମ୍ପୃକ୍ତ ଆର୍‌ଟିଓମାନ୍‌କୁ ସୂଚ୍‌ନା ଦିଆଯାଇଛେ ।

ଓଟିଇଟି ପରୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଇ ବଛରର୍ ଓଟିଇଟି ପରୀକ୍ଷା ଲାଗି ଆଏଜ୍‌ଠାନୁ ଏଡ୍‌ମିଟ୍‌କାର୍ଡ଼ ୱେବ୍‌ସାଇଟ୍‌ଥି ମିଲୁଛେ । www.bseodisha. nic.in ଆଉ www.bseoexams.org ନୁ ପରୀକ୍ଷାର୍ଥୀମାନେ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ । ପରୀକ୍ଷା ବାବ୍‌ଦେ କେନ୍‌ସି ପ୍ରକାରର୍ ଅସୁବିଧା ହେଲେ ସେମାନେ କଂଟ୍ରୋଲ୍‌ରୁମ୍‌କେ ଫୋନ୍ କରିକରି ସାହାଜ୍ ପାଇପାର୍‌ବେ । ଇଥିର୍‌ଲାଗି ପରିଷଦ୍ ତର୍‌ଫୁ ଖୁଲାଯାଇଥିବା କଂଟ୍ରୋଲ୍ ରୁମ୍ ଫୋନ୍ ନମ୍ବର୍ - ୦୬୭୧-୨୪୧୨-୦୫୯ ଆଉ ୮୦୯୩-୨୩୩-୫୪୪ ଥି ଯୋଗାଯୋଗ୍ କରିପାର୍‌ବେ ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍‌ନା ଦେଇଛନ୍ । ଓଟିଇଟି ପରୀକ୍ଷା ଆଏବା ୨୮ ତାରିଖ୍ ଦିନ ହେବା । ରାଜ୍ୟର୍ ୩ ଶହ ୧୧ ଟା କେନ୍ଦ୍ର ନ ୯୭ ହଜାର୍ ଶହେ ୯୧ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ୨ ଟା ଖେପେ ଇ ପରୀକ୍ଷା ହେବା । ପହେଲା ଖେପ୍ ପରୀକ୍ଷା ସଖାଲର୍ ୯ ନୁ ସାଢ଼େ ୧୧ ବଜେତକ୍ ଆଉ ୨ ନମ୍ବର୍ ଖେପ୍ ଉପର୍‌ବେଲା ୨ ବଜେନୁ ସାଢ଼େ ୪ ବଜେତକ୍ ହେବା ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ଷ୍ଟାମ୍ପ ଶୁଳ୍କ ଛାଡ଼ ହି.ସ.

ରାଜ୍ୟ ସର୍‌କାର୍ ପିଏମ୍ ସ୍ୱନିଧି ଯୋଜ୍‌ନାଥି ସବୁ ଉଠାଦୁକାନୀମାନ୍‌କର୍ ଷ୍ଟାମ୍ପ୍ ଶୁଳ୍କ ପୁରାପୁରି ଛାଡ୍ କରିଛନ୍ । ୩ ଟା ରଣ ଖେପ୍‌ଥି ଲାଗୁ ହେଇଥିବା ଷ୍ଟାମ୍ପ୍ ଶୁଳ୍କକେ ଛାଡ୍ ଲାଗି ଭାରତୀୟ ଷ୍ଟାମ୍ପ୍ ଆଇନ୍ ଆଉ ୧୮୯୯ ଧାରା -୯ (୧) (କ) ଅନ୍‌ସାରେ ନିଷ୍ପତି ନିଆଯାଇଛେ ।

ସ୍କୁଲ୍ ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରା ଛୁଟି ଉତ୍‌ରୁ ଆଏବାକାଏଲ୍‌ନୁ ବିଦ୍ୟାଳୟ ଖୁଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ରାଏଜେ ମୌସୁମୀ ପୁହୁଁଚିଥିବାର୍‌ନୁ ପାଗ୍ ଆଘର୍ ଠାନୁ ଥଣ୍ଡା ରହିଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ଖରାର୍ ପ୍ରକୋପ୍ କମି ନାଇଁଥିବା ପରିସ୍ଥିତିକେ ନଜର୍‌ଥି ରଖିକରି ସର୍‌କାର୍ ତାର୍ ଉତ୍‌ରର୍ ପଦକ୍ଷେପ୍ ନେବେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ସୁବର୍ଣ୍ଣପୁର୍ ସ୍କୁଲ୍ କଲେଜ୍ ଛୁଟି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଜବର୍ ଖରାକେ ନଜରଥି ରଖିକରି ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା ଶନିବାର୍‌ତକ୍ ସବୁ ସ୍କୁଲ୍ ଆଉ କଲେଜ୍‌ର ଛୁଟି ସମିଆକେ ବଢ଼ାଯାଇଛେ । ଇତାର୍‌ସହେତେ ସବୁ ଅଙ୍ଗନବାଡ଼ି କେନ୍ଦ୍ରକେ ଭିଲ୍ ବନ୍ଦ୍ ରଖାଯିବା ବଲି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଶୀତଲ୍‌ଷଷ୍ଠୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଗଜ୍‌ଗଜେଇ ଯାଉଛେ । ଆଏଜ୍ ରାତି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା, ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା, ଠାକୁରପଡ଼ାର ଗୁପ୍ତେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବାଙ୍କର୍ ସହେତେ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ଗୁଆଗୁଁଡ଼ା ଯାତ୍ରା ହେବା । ଇ ବାବ୍‌ଦେ ଗଣମାଧ୍ୟମ୍ ସଂଯୋଜକ ସୁଦୀପ୍ତ ପଣ୍ଡା କହିଛନ୍...

(ଭଏସ୍ ଓଭର୍- ସୁଦୀପ୍ତ ପଣ୍ଡା)

ଆଏବା କାଏଲ୍ ରାତି ସବୁ ଶିବ ମନ୍ଦିର୍‌ର ଦେବଦେବ ମହାଦେବ ବରାତି ବାହାରିବେ । ବ୍ରାହ୍ମମୁହୁର୍ତ ନ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ରୀତି ନ ବିହାଘର୍ ହେବା । ପର୍‌ଦିନ ଅଧରାତିନୁ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ବାହାରିକରି ତାର୍ ଆରଦିନ ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଆଏବା ଶନିବାର୍ ଦିନ ସହରର୍ ସବୁ ସର୍‌କାରୀ କାର୍ଯ୍ୟାଲୟ ନ ଛୁଟି ଘୋଷ୍‌ନା କରାଯାଇଛେ । ଇତାର୍‌ସହେତେ ସମ୍ବଲ୍‌ପୁର୍ ଉପଖଣ୍ଡର୍ ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଛୁଟି ଘୋଷ୍‌ନା କରାଯାଇଥିବାର୍ ବାବ୍‌ଦେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ଗୋପବନ୍ଧୁ ପୂଣ୍ୟତିଥି ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କର୍ ପୂଣ୍ୟତିଥି ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ସେବା, ସଂଗ୍ରାମ୍, ସଂସ୍କାର୍ ଆଉ ତ୍ୟାଗର ପ୍ରତୀକ ପଣ୍ଡିତ୍ ଗୋପବନ୍ଧୁ

୧୮୭୭ ମସିହା  ଅକ୍ଟୋବର୍ ମାସ ୯ ତାରିଖ୍ ପୁରୀ ଜିଲ୍ଲା ସାକ୍ଷୀଗୋପାଲ୍ ସୁଆଣ୍ଡୋ ଗାଁ ନ ଜନମ୍ ହେଇଥିଲେ । ମାନବ୍ ସେବାକେ ମାଧବ ସେବା ନୀତି କରିଥିବା ଗୋପବନ୍ଧୁ କର୍ମ କେ ଜୀବନ୍‌ର  ମାନଦଣ୍ଡ ଭାବେ ବାଛିଥିଲେ । ସେ ଦୈନିକ୍ ଖବର୍ କାଗଜ୍ ସମାଜ୍‌ର ଭିଲ୍ ପ୍ରତିଷ୍ଠାତା ଥିଲେ ।

ଜଣେ ଛାତ୍ରବତ୍ସଳ ଶିକ୍ଷକ୍, ସମାଜ୍ ସଂସ୍କାର, ଦାର୍ଶନିକ୍, ଲେଖକ୍ ଆଉ ରାଜନେତା ଭାବେ ଉତ୍କଳମଣି ଗୋପବନ୍ଧୁ ଆଝିରର୍ ଦିନେ ଦେହତ୍ୟାଗ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉତ୍କଳମଣି ପଣ୍ଡିତ୍ ଗୋପବନ୍ଧୁ ଦାସ୍‌ଙ୍କର୍ ପୁଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ଓଡ଼ିଶାର୍ ସେବା, ଶିକ୍ଷା, ଆଉ ମାନବତା ଲାଗି ତାଙ୍କର୍ ଅବଦାନ୍ ସବୁବେଳେ ସୁର୍‌ତା ହେଇକରି ରହେବା ।

ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ      ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏଜ୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ସଚିବ ଡକ୍ଟର୍ ମୃଣାଳିନୀ ଦର୍ଶୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ନାବାଳକ୍

ଅପରାଧ୍, ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ହେଉଥିବା ଚୁରୀ ଘଟ୍‌ନା ଉପ୍‌ରେ ତୁର୍‌ତି କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ଶ୍ରୀମତୀ ଦର୍ଶଓ୍ୱାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଖାଲି ପଦ୍‌ବୀ ପୂରଣ୍, ନିଶାମୁକ୍ତ ଜିଲ୍ଲା ଅଭିଯାନ୍ ଆଉ ସାଇବର୍ ସଚେତନତା ଉପ୍‌ରେ ଜୋର୍ ଦିଆଯାଇଛେ ।

କୋର୍ଟ କେମ୍ପ୍ ପରାମର୍ଶ ଶିବିର       ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍‌ଫୁ ଆଏଜ୍ ସୋନ୍‌ପୁର୍ ବ୍ଲକ୍ ମିଶନ୍ ଶକ୍ତି ଗୃହ ନ ମା' ବାପା ନାଇଁଥିବା ଛୁଆମାନ୍‌କର୍ ଲାଗି ଶିଶୁ ମଙ୍ଗଳ କମିଟି କୋର୍ଟ କେମ୍ପ୍ ପରାମର୍ଶ ଶିବିର୍ ହେଇଯାଇଛେ । ଶିବିର୍‌ଥି ୭ ଶହ ୫୬ ଝନ୍ ଶିଶୁ ଆଉ ମହିଳା ଯୋଗ୍ ଦେଇଥିଲେ । ତଥ୍ୟ ମାନ୍‌କର୍ ତର୍ଜମା ଉତ୍‌ରୁ ସବୁ ଯୋଗ୍ୟ ଛୁଆମାନ୍‌କୁ ସର୍‌କାରୀ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ଜନାପଡ଼ିଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍‌ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍‌ାକେ ଭୁବ୍‌ନେଶ୍ୱର ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ସମ୍ବଲ୍‌ପୁର୍ ଆଉ  ଝାର୍‌ସୁଗୁଡ଼ା ଜିଲ୍ଲା ନ ଇ ସମିଆ ଭିତ୍‌ରେ ଜବର୍ ଖରା ହେବା ବଲି ଆକଲନ୍ କରାଯାଇଛେ ।